ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।

# ବିଜ୍ଞାପନ

## ତା.୯.୪.୨୧ରିଖ ଠାରୁ ତା.୧୫.୪.୨୧ରିଖ ପର୍ଯ୍ୟନ୍ତ
## ମା' ତାରିଣୀଙ୍କ ଚଇତି ପର୍ବ ଉପଲକ୍ଷେ COVID-19 ଗାଇଡ୍‌ଲାଇନ୍

୧. ସମସ୍ତ ଭକ୍ତ ମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ମାସ୍କ ବାଧ୍ୟତାମୂଳକ ଭାବେ ବ୍ୟବହାର କରିବେ ।

୨. ମା'ଙ୍କର ଦୈନିକ ନିତିକାନ୍ତି, ସୁନାବେଶ, ଭାଗବତ ପାଠ, ହୋମ, ଚଣ୍ଡିପାଠ ଓ ସତ୍ୟନାରାୟଣ ପୂଜା COVID-19 ଗାଇଡ୍‌ଲାଇନ୍ ମାନି ପାଳନ କରାଯିବ ।

୩. ଭକ୍ତମାନଙ୍କ ଦ୍ୱାରା କୌଣସି ପ୍ରକାର ପୂଜା ସାମଗ୍ରୀ ଯଥା- ନଡିଆ, କଦଳୀ, ଧୂପ, ଦୀପ, ସିନ୍ଦୁର ଓ ଅନ୍ୟାନ୍ୟ ସାମଗ୍ରୀ ମା'ଙ୍କ ନିକଟରେ ପୂଜା କରାଯିବ ନାହିଁ ।

୪. ଚଇତି ପର୍ବରେ ତା.୯.୪.୨୦୨୧ରିଖ ଠାରୁ ତା.୧୨.୪.୨୦୨୧ରିଖ ଓ ତା.୧୫.୪.୨୦୨୧ରିଖରେ ଭକ୍ତମାନେ କେବଳ ଦର୍ଶନ କରିବେ ।

**୫. ଚଇତି ପର୍ବରେ ତା.୧୩.୪.୨୦୨୧ରିଖ ମଙ୍ଗଳବାର ଓ ତା.୧୪.୪.୨୦୨୧ରିଖ ପଣାସଂକ୍ରାନ୍ତି ଦୁଇ(୨) ଦିନ ଭକ୍ତଙ୍କ ପାଇଁ ମା'ଙ୍କ ଦର୍ଶନ ବନ୍ଦ ରହିବ ।**

**୬. ଚଇତି ପର୍ବ ଅବସରରେ ଭକ୍ତଙ୍କ ସାଧାରଣ ଦର୍ଶନ ସକାଳ ୭ଘଟିକା ଠାରୁ ଦିବା ୧୨ଘ.୩୦ମି. ପର୍ଯ୍ୟନ୍ତ ଓ ଅପରାହ୍ନ ୩ଘ.୩୦ମି. ଠାରୁ ସନ୍ଧ୍ୟା ୭ଘ. ପର୍ଯ୍ୟନ୍ତ ଚାଲୁ ରହିବ ।**

୭. ଭକ୍ତମାନେ ଗେଟ୍ ନଂ-୩ରେ ପ୍ରବେଶ କଲାପରେ ସାନିଟାଇଜ ହୋଇ ଦୂରତା ରକ୍ଷା କରି ବ୍ୟାରିକେଡ୍‌ରେ ଧାଡିରେ ପ୍ରବେଶ କରି ମୁଖଶାଳା ଦେଇ ମନ୍ଦିର ମଧ୍ୟକୁ ପ୍ରବେଶ କରିବେ ତା'ପରେ ପ୍ରସ୍ଥାନ ଦ୍ୱାର ଦେଇ ଗେଟ୍ ନଂ-୪ ରେ ନିଜ ନିଜର ଗନ୍ତବ୍ୟ ପଥରେ ପ୍ରତ୍ୟାବର୍ତ୍ତନ କରିବେ ।

୮. ଚଇତି ପର୍ବରେ ପଣା ଭୋଗ ଓ ଅନ୍ନ ଭୋଗ ବିତରଣ ବନ୍ଦ ରହିବ ।

୯. ମା' ତାରିଣୀଙ୍କ ଚଇତି ପର୍ବରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ (ପାଲା, ପ୍ରବଚନ, ଲୋକ ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ) କରାଯିବ ନାହିଁ।

୧୦. ମା' ତାରିଣୀ ମନ୍ଦିରର ସମସ୍ତ ସେବାୟତ, କର୍ମକର୍ତ୍ତା, କର୍ମଚାରୀ COVID-19 ନିୟମ ଅନୁସାରେ ମାସ୍କ/ ସାନିଟାଇଜର ବ୍ୟବହାର କରିବା ସହିତ ସାମାଜିକ ଦୂରତା ପାଳନ କରିବେ ଓ କୌଣସି ପ୍ରକାର ଜନସମାବେଶ ହେବାକୁ ଦିଆଯିବ ନାହିଁ ।

୧୧. ମା' ତାରିଣୀ ମନ୍ଦିରକୁ ୧୦ ବର୍ଷରୁ କମ୍ ବୟସର ଶିଶୁ ଓ ୬୫ ବର୍ଷରୁ ଉର୍ଦ୍ଧ ବୟସର ବ୍ୟକ୍ତି ପ୍ରବେଶ କରିପାରିବେ ନାହିଁ ।

୧୨. ମନ୍ଦିରରେ ଚୂଳ ସମର୍ପଣ ନିଷେଧ ରହିବ ।

୧୩. ମା'ଙ୍କର ସକାଳ ଆଳତୀ, ଅନ୍ନ ପ୍ରସାଦ ନୀତି, ସନ୍ଧ୍ୟା ଆଳତୀ ଓ ପହଡ ଆଳତୀରେ କୌଣସି ଭକ୍ତ ଉପସ୍ଥିତ ରହିବେ ନାହିଁ ।

୧୪. ଓଡିଶା ସରକାରଙ୍କ COVID-19 ଗାଇଡ୍‌ଲାଇନ୍ ପାଳନ କରି ନିଜକୁ ସୁରକ୍ଷିତ ରଖନ୍ତୁ ସୁସ୍ଥ ରୁହନ୍ତୁ ।

ନିବେଦକ
ମା'ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟବୋର୍ଡ
ଘଟଗାଁ, କେନ୍ଦୁଝର ।

EXECUTIVE OFFICER
MAA TARINI THAKURANI TEMPLE TRUST
GHATGAON, KEONJHAR

PRESIDENT
MAA TARINI THAKURANI TEMPLE TRUST
GHATGAON, KEONJHAR